# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**11 April – 2025**

**News Editor : Tapan Kumar Moharana**

**************************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ‘ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା’ର ଶୁଭାରମ୍ଭ କଲେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା
- କଟକ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଶିଶୁ ଚିକିତ୍ସା ପ୍ରତିଷ୍ଠାନର ବହୁବିଧ ଚିକିତ୍ସାଳୟ ଓ ଛାତ୍ରାବାସର ଉଦ୍‌ଘାଟନ କଲେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ
- ରାଜ୍ୟରେ ଖୁବ୍ ଶୀଘ୍ର ଆଉ ଦୁଇଟି ମେଡିକାଲ କଲେଜ୍‌ର ଶୁଭାରମ୍ଭ ହେବ ବୋଲି କହିଲେ ମୁଖ୍ୟମନ୍ତ୍ରୀ
- କର୍ମଚାରୀମାନଙ୍କର ମହଙ୍ଗାଭତ୍ତା ୨ ପ୍ରତିଶତ ବୃଦ୍ଧିକଲେ ରାଜ୍ୟ ସରକାର

ଏବଂ

- ଜଳ ସମସ୍ୟା ନେଇ ଅଭିଯୋଗ ଆସିଲେ ୭ ଦିନ ଭିତରେ ସମାଧାନ କରିବାକୁ ପାନୀୟ ଜଳ ଯୋଗାଣ ମନ୍ତ୍ରୀଙ୍କ ନିର୍ଦ୍ଦେଶ

## ଆୟୁଷ୍ମାନ ଭାରତ-ଜେ.ପି.ନଡ୍ଡା

'ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା' ଇନ୍‌ସୁରାନ୍‌ସ୍ ଯୋଜନା ନୁହେଁ ଏହା ଆସ୍ୟୁରାନ୍‌ସ୍ ଯୋଜନା ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା କହିଛନ୍ତି। କଟକସ୍ଥିତ ବାଲିଯାତ୍ରା ପଡିଆରେ ଆୟୁଷ୍ମାନ ଯୋଜନାର ଶୁଭାରମ୍ଭ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଆସ୍ୟୁରାନ୍‌ସ୍ ଯୋଜନାର ଅର୍ଥ ଚିକିତ୍ସା  ପାଇଁ କୌଣସି କମ୍ପାନୀ ନିଷ୍ପତ୍ତି ନେଇପାରିବେ ନାହିଁ। ଏଥିପାଇଁ ଦେଶର ୩୦ହଜାରରୁ ଅଧିକ ହସ୍‌ପିଟାଲ ନିଷ୍ପତ୍ତି ନେବେ। ଏହା ସହିତ ରାଜ୍ୟ ସରକାରଙ୍କର ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାର ମଧ୍ୟ ଲୋକାର୍ପଣ କରାଯାଇଛି।

**-V/O-***(J.P.Nadda)*

ଏହି ଅବସରରେ ଗାଁକୁ ଗାଁ ଯାଇ ଲୋକଙ୍କ ସ୍ୱାସ୍ଥ୍ୟକାର୍ଡ କରିବା ପାଇଁ ସହଯୋଗ କରିବାକୁ ସାଂସଦ ଓ ବିଧାୟକମାନଙ୍କୁ କେନ୍ଦ୍ରମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ,  କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡାଙ୍କ ସମେତ ମନ୍ତ୍ରିମଣ୍ଡଳର ସଦସ୍ୟ, ଦଳୀୟ ସାଂସଦ ଏବଂ ବିଧାୟକମାନେ ଯୋଗଦେଇଥିଲେ।

ସୂଚନା ଅନୁଯାୟୀ, ରାଜ୍ୟର ୧ କୋଟି ୩ ଲକ୍ଷ ପରିବାରର ୩ କୋଟି ୫୦ ଲକ୍ଷ ସଦସ୍ୟ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନାରେ ଉପକୃତ

ହେବାକୁ ଥିବାବେଳେ ବୟୋ ବନ୍ଦନା ଯୋଜନାରେ ୭୦ ବର୍ଷ ବୟସରୁ ଅଧିକ ୨୩ ଲକ୍ଷ ୧୩ ହଜାରରୁ ଅଧିକ ହିତାଧିକାରୀ ଉପକୃତ ହେବେ । ଦେଶର ୨୯ ହଜାରରୁ ଅଧିକ ଡାକ୍ତରଖାନାରେ ହିତାଧିକାରୀମାନଙ୍କୁ ଏହି ଯୋଜନା ଅଧୀନରେ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ନଡ୍ଡା ଆସନ୍ତାକାଲି ଭୁବନେଶ୍ୱର ସ୍ଥିତ ଏମସ୍ ପରିଦର୍ଶନ କରି ସେଂଟ୍ରାଲ ରିସର୍ଚ୍ଚ ଲାବ୍ରୋଟୋରୀର ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଏହାସହିତ ବହୁମୁଖୀ (ଗ୍ୟାଷ୍ଟ୍ରୋନୋମି) ବ୍ଲକର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଏମସ୍ ଭୁବନେଶ୍ୱର ନୂତନ ଓ୍ୱେବସାଇଟ୍ ମଧ୍ୟ ଉନ୍ମୋଚନ କରିବାର କାର୍ଯ୍ୟସୂଚୀ ରହିଛି ।

## ଆୟୁଷ୍ମାନ-ଜିଲ୍ଲା

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆୟୁଷ୍ମାନ ଯୋଜନାର ଶୁଭାରମ୍ଭ କରାଯାଇଛି ।

**ନବରଙ୍ଗପୁର**ର ଆୟୁଷ୍ମାନ ସ୍ୱାସ୍ଥ୍ୟ ଆରୋଗ୍ୟ ମନ୍ଦିରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଂଚାୟତିରାଜମନ୍ତ୍ରୀ ରବି ନାରାୟଣ ନାୟକ ଆୟୁଷ୍ମାନ ଯୋଜନାକୁ ଉଦ୍‌ଘାଟନ କରିଛନ୍ତି । ମନ୍ତ୍ରୀ ଶ୍ରୀ ନାୟକ ଆଜି ପ୍ରଥମ ପର୍ଯ୍ୟାୟରେ ୧୦ ଜଣ ହିତାଧିକାରୀଙ୍କୁ ଆୟୁଷ୍ମାନ ଏକକ ସ୍ୱାସ୍ଥ୍ୟକାର୍ଡ ବଣ୍ଟ କରିବା ସହିତ ଏ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି ।

ସେହିପରି **ନୟାଗଡ଼** ଜିଲ୍ଲା ଇଟାମାଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ

ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା, ଗୋବବନ୍ଧୁ ଜନଆରୋଗ୍ୟ ଯୋଜନାର ନୂତନ ଏକକ କାର୍ଡ ବଣ୍ଟନ କରିଛନ୍ତି ।

**ଢେଙ୍କାନାଳ** ମିନି ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ୧୬ ଜଣ ହିତାଧିକାରୀଙ୍କୁ ଆୟୁଷ୍ମାନ ଏକକ କାର୍ଡ ପ୍ରଦାନ କରିଛନ୍ତି । ଜିଲ୍ଲାରେ ୨୯ଟି ଘରୋଇ ହସ୍‌ପିଟାଲ ଆୟୁଷ୍ମାନ ଯୋଜନାରେ ଅନୁବନ୍ଧିତ ହୋଇଛି ।

ନୂତନ ଏକକ କାର୍ଡ ପାଇବା ପର୍ଯ୍ୟନ୍ତ ବର୍ତ୍ତମାନର ସମସ୍ତ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ହିତାଧିକାରୀ ତାଲିକାଭୁକ୍ତ ହସ୍‌ପିଟାଲରେ ନିଜର ଆଧାରକାର୍ଡ ସହିତ ବର୍ତ୍ତମାନ ପାଖରେ ଥିବା ସ୍ୱାସ୍ଥ୍ୟକାର୍ଡ ନମ୍ବର ଦେଇ ଚିକିତ୍ସା ସୁବିଧା ପାଇପାରିବେ ।

**ଗଞ୍ଜାମ** ଜିଲ୍ଲାରେ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ କରିଛନ୍ତି । ଜିଲ୍ଲାର ୯୩ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ୮ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୫୯ ହଜାର ୮୨ଟି କାର୍ଡ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି ।

**ଭଦ୍ରକ** ଜିଲ୍ଲା କଲେଇ ପଂଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଯୋଗଦେଇ ଆୟୁଷ୍ମାନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ ।

**ସୁବର୍ଣ୍ଣପୁର** ଜିଲ୍ଲା ହରଡ଼ଖୋଲ ସାହାଜପିଟା ଆରୋଗ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଲୋକସଭା ସାଂସଦ ସଂଗୀତାକମାରୀ ସିଂହଦେଓ ୨୫ ଜଣ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ଆଜି ଜିଲ୍ଲାର ୨୧ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ୫୨୫ ଜଣଙ୍କୁ ଆୟୁଷ୍ମାନ ଯୋଜନାରେ କାର୍ଡ ବିତରଣ କରାଯାଇଛି ।

ସେହିପରି **ମାଲକାନଗିରି** ଜିଲ୍ଲା କଟଲିଗୁଡାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆଶୀଷ୍ ଈଶ୍ୱର ପାଟିଲ ଯୋଗଦେଇ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରିଛନ୍ତି ।

**କେନ୍ଦ୍ରାପଡା** ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବାବେଳେ **ପୁରୀ** ଟାଉନ୍‌ହଲଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ ।

**ସମ୍ବଲପୁର**ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଜୟନାରାୟଣ ମିଶ୍ର, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଯୋଗଦେଇ ଜନସଚେତନତା ରଥର ଶୁଭାରମ୍ଭ କରିଥିବାବେଳେ **କଳାହାଣ୍ଡି** ଜିଲ୍ଲା ଭବାନୀପାଟଣାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଯୋଜନାର ସଫଳ ରୂପାୟନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ ।

## ଶିଶୁ ଭବନ

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା ଆଜି ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ନାତକୋତ୍ତର ଶିଶୁ ଚିକିତ୍ସା ପ୍ରତିଷ୍ଠାନର ୭ତଳ ବିଶିଷ୍ଟ ବହୁବିଧ ଉପଯୋଗୀ ଚିକିତ୍ସାଳୟ ଓ ଛାତ୍ରାବାସର ଉଦ୍‌ଘାଟନ କରିଛନ୍ତି। ଏଥିସହିତ ମାଇକ୍ରୋ ବାୟୋଲୋଜିକାଲ ଲାବୋରୋଟାରୀର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୧୫୨କୋଟି ୯୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ୭ମହଲା ବିଶିଷ୍ଟ ଏହି ବହୁବିଧ ଉପଯୋଗୀ ହସ୍‌ପିଟାଲ କମ୍ପ୍ଲେକ୍ସ ଶିଶୁ ଚିକିତ୍ସା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହି କ୍ୟାମ୍ପସ୍‌ରେ ଶିଶୁମାନଙ୍କ ପାଇଁ ୮୪୬ଟି ଶଯ୍ୟା ରହିଛି। ସେଥିମଧ୍ୟରୁ ୧୪୦ଟି ଆଇ.ସି.ୟୁ ଶଯ୍ୟା, ୨୨୭ଟି ନବଜାତ କେୟାରବେଡ୍, କାଜୁଆଲିଟି ପାଇଁ ୪୬ଟି ଉତ୍ସର୍ଗୀକୃତ ଶଯ୍ୟା ଉପଲବ୍ଧ ରହିଛି।

ଏଥିସହ ମାଗଣା ଔଷଧ ବଣ୍ଟନ ପାଇଁ ୪ଟି ଔଷଧ ବିତରଣ କେନ୍ଦ୍ର ଓ ୧୮୦ ଜଣ ଆବାସିକ ଡାକ୍ତରଙ୍କ ପାଇଁ ଏକ ହଷ୍ଟେଲ୍ ରହିଛି, ଯାହା ୨୪ ଘଣ୍ଟା ଚିକିତ୍ସା ସେବା ଯୋଗାଇଦେବା ସୁନିଶ୍ଚିତ କରିବ। ଅନ୍ୟପକ୍ଷରେ ୪ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ମାଇକ୍ରୋ ବାୟୋଲୋଜିକାଲ ଲାବୋରଟୋରୀରେ ଏଫ୍.ଏସ୍.ଏସ୍.ଏ.ଆଇ. ମାନଙ୍କ ଅନୁଯାୟୀ ଖାଦ୍ୟ ଓ ଜଳନମୁନାଗୁଡ଼ିକର ପରୀକ୍ଷା କରାଯିବ।

## ନୂଆ ମେଡିକାଲ-ମୁଖ୍ୟମନ୍ତ୍ରୀ

ରାଜ୍ୟରେ ଖୁବ୍‌ଶୀଘ୍ର ଆଉ ଦୁଇଟି ମେଡିକାଲ କଲେଜ୍‌ର ଶୁଭାରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆୟୁଷ୍ମାନ ଯୋଜନାର ଶୁଭାରମ୍ଭ

ଅବସରରେ କହିଛନ୍ତି। ଚଳିତବର୍ଷ ବଜେଟ୍‌ରେ ଭଦ୍ରକ, ଜଗତ୍‌ସିଂହପୁର, ଢେଙ୍କାନାଳ ଏବଂ ନବରଙ୍ଗପୁର ଜିଲ୍ଲାରେ ମେଡିକାଲ କଲେଜ୍ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ବର୍ତ୍ତମାନ ରାଜ୍ୟରେ ୧୨ଟି ମେଡିକାଲ କଲେଜ୍ ଓ ହସ୍‌ପିଟାଲ କାର୍ଯ୍ୟକ୍ଷମ ରହିଛି। ଗତ ୧୦ ମାସ ଭିତରେ ୩ଟି ପର୍ଯ୍ୟାୟରେ ୪ ହଜାର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ପଦବୀ ପୂରଣ ହୋଇସାରିଲାଣି। ଆଗାମୀ ଦିନରେ ୫ ହଜାର ୩୭୪ ଡାକ୍ତର, ଦନ୍ତ ଚିକିତ୍ସକ ପଦବୀ ପୂରଣ ପାଇଁ ପ୍ରକ୍ରିୟା ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**-V/O-***(CM)*

**ମହଙ୍ଗା ଭତ୍ତା**

ରାଜ୍ୟ ସରକାର କର୍ମଚାରୀମାନଙ୍କ ୨ ପ୍ରତିଶତ ମହଙ୍ଗା ଭତ୍ତା ବୃଦ୍ଧି କରିଛନ୍ତି। ମହଙ୍ଗା ଭତ୍ତା ୫୩ ପ୍ରତିଶତରୁ ୫୫ ପ୍ରତିଶତକୁ ବୃଦ୍ଧି ପାଇଛି। ଏହା ପିଛିଲା ଭାବେ ୨୦୨୫ ଜାନୁୟାରୀ ପହିଲାରୁ ଲାଗୁ ହେବ। ପେନ୍‌ସନଭୋଗୀମାନଙ୍କ ପାଇଁ ମଧ୍ୟ ବର୍ଦ୍ଧିତ ଭତ୍ତା ଲାଗୁ ହେବ। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତମାସ ଦରମା ଓ ପେନ୍‌ସନ୍‌ରେ ନଗଦ ଆକାରରେ ମିଳିବ। ରାଜ୍ୟ ସରକାରଙ୍କର ଏହି ନିଷ୍ପତ୍ତି ଫଳରେ ସାଢ଼େ ୮ ଲକ୍ଷରୁ ଊର୍ଦ୍ଧ୍ୱ ସରକାରୀ କର୍ମଚାରୀ ଓ ପେନ୍‌ସନ୍ ଭୋଗୀ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

**ପାନୀୟ ଜଳ**

ରାଜ୍ୟରେ ଜଳସମସ୍ୟା ନେଇ ଅଭିଯୋଗ ଆସିଲେ ୭ ଦିନ ଭିତରେ ସମାଧାନ କରିବା ପାଇଁ ବିଭାଗକୁ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାୟକ ନିର୍ଦ୍ଦେଶ ଦେଇଛନ୍ତି। ଜଳ ସମସ୍ୟା ଦେଖାଗଲେ ତୁରନ୍ତ ବ୍ଲକ୍ ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଯେଉଁ ସ୍ଥାନରେ ନିର୍ଦ୍ଧାରିତ ସମୟ ଭିତରେ ଜଳପ୍ରକଳ୍ପ କାମ ଶେଷ ହୋଇନାହିଁ ସେଠାରେ ସଂସ୍ଥାଗୁଡ଼ିକ ଟ୍ୟାଙ୍କର ମାଧ୍ୟମରେ ପ୍ରତ୍ୟେକ ଗାଁକୁ ଜଳ ଯୋଗାଇଦେବେ ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି। ବିଭିନ୍ନ ଜିଲ୍ଲାକୁ ୨୧ ହଜାର ୩୦୦ ନଳକୂପ ପାଇଁ ଅନୁମୋଦନ କରାଯାଇଛି। ମେସିନ୍‌ର ଅଭାବ ଯୋଗୁଁ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ତେବେ ନଳକୂପ ଖନନ ପାଇଁ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ।

## ଓଡ଼ିଆ ପକ୍ଷ

ଓଡ଼ିଆ ପକ୍ଷ-୨୦୨୫ ପାଳନର ଏକାଦଶ ଦିନରେ ରାଜ୍ୟର ଯୁବଲେଖକମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଆଜି ପାଳନ କରାଯାଉଛି ଯୁବଲେଖକ ସମ୍ମିଳନୀ। ଯୁବପିଢ଼ିଙ୍କ ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟକୁ ଋଦ୍ଧିମନ୍ତ କରିବାର ଗୁରୁ ଦାୟିତ୍ୱ ରହିଥିବା ନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ରାଜ୍ୟର ସମସ୍ତ ଜିଲ୍ଲାରେ ଆୟୋଜନ କରାଯାଇଛଇ।

ଏହି ପରିପ୍ରେକ୍ଷୀରେ **ବୌଦ୍ଧ** ଜିଲ୍ଲା ସଂଗ୍ରହାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁବ ଲେଖକମାନଙ୍କୁ ବିଧାୟକ ସରୋଜ କୁମାର ପ୍ରଧାନ,

ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଯୋଗଦେଇ ସମ୍ମାନିତ କରିଛନ୍ତି । ସେହିପରି **କଳାହାଣ୍ଡି** ଜିଲ୍ଲା ଭବାନୀପାଟଣାସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟ, **ସମ୍ବଲପୁର** ବିଶ୍ୱବିଦ୍ୟାଳୟ ଜ୍ୟୋତିବିହାର ପ୍ରେକ୍ଷାଳୟରେ ଯୁବଲେଖକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । **ଦେବଗଡ଼** ମହାବିଦ୍ୟାଳୟଠାରେ ଆୟୋଜିତ ଯୁବଲେଖକ ସମ୍ମିଳନୀରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ନିଜର ଜୀବନଶୈଳୀ ଉପରେ ଉପଯୋଗ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ ।

*********************************